# ମୋ ସ୍ମୃତିରେ ନୃସିଂହ ଗୁରୁ

ଶ୍ରୀ ପ୍ରହ୍ଲାଦ ମିଶ୍ର

ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱରଃ
ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ ।

ଆଜିକୁ ଚଉଷଠି ବର୍ଷ ତଳର କଥା । ମୁଁ ୧୯୩୭ ମସିହାରେ ମୋ ଜନ୍ମଭୂମି ପୁରାତନ ରମ୍ପେଲା ଗ୍ରାମର ମାଇନର ସ୍କୁଲରୁ ବୋର୍ଡ ପରୀକ୍ଷାରେ ପାସ୍ କରି ସମ୍ବଲପୁର ଜିଲ୍ଲା ସ୍କୁଲକୁ ପଢିବାକୁ ଆସିଲି । ବର୍ତ୍ତମାନ ସେହି ପ୍ରିୟ ଗ୍ରାମଟି ହୀରାକୁଦ ବନ୍ଧ ଯୋଜନାରେ ସଲୀଳସାତ୍ ହୋଇଅଛି । ସେତେବେଳେ ସମ୍ବଲପୁର ଜିଲ୍ଲାସ୍କୁଲ ଗଂଗାଧର ମେହେର ମହାବିଦ୍ୟାଳୟ ହୋଇଥିବା କୋଠାରେ ଥିଲା । ବିଦ୍ୟାଳୟ ପାଖରେ ଛାତ୍ରାବାସ ରହିଥିଲା ଓ ଛାତ୍ରାବାସ ରେଳଲାଇନ ପାଖରେ ଥିଲା । ଠିକ୍ ଲାଇନର ଆର ପାଖରେ ନୃସିଂହ ଗୁରୁ ଆଜ୍ଞାଙ୍କ ଘର ତଥା ଛାତ୍ରାବାସ ଥିଲା । ପ୍ରସନ୍ନ ପଣ୍ଡା,ଯେ ଆମ୍ଭ ସାଙ୍ଗରେ ଛାତ୍ରାବାସରେ ରହୁଥିଲେ,ସେ ଦିନେ ମତେ ନୃସିଂହ ଗୁରୁଙ୍କ ଘରକୁ ନେଲେ । ଏହି ବର୍ଷ ଗୁରୁ ଆଜ୍ଞାଙ୍କ ସଙ୍ଗରେ ମୋର ପ୍ରଥମ ଦର୍ଶନ ଓ ବାର୍ତ୍ତାଳାପ ହୋଇଥିଲା । ସେତେବେଳେ ଗୁରୁ ଆଜ୍ଞାଙ୍କୁ ୩୫ ବର୍ଷ ମାତ୍ର ହୋଇଥିଲା ।

ସୌମ୍ୟବଦନ,ଛୋଟ କୃଷ୍ଣକେଶ,ଆଣ୍ଠୁଲୁଚା ଖଦଡ ଧୋତି ଓ ଗାମୁଛା,ତାଳପତ୍ର ଛତା,ଉପାନହ ଶୂନ୍ୟପାଦ ଏସବୁ ଦେଖି ମୋ ମନରେ ଗୋଟିଏ ଉଚ୍ଚଭାବ ଜାତ ହେଲା । ତାପରେ ଗୁରୁଆଜ୍ଞାଙ୍କର କୋଠୀରେ ପ୍ରାୟ ୧୫ ରୁ ୨୦ ଜଣ ହରିଜନ ବାଳକ ପାଠ ପଢୁଥିଲେ ଓ ଗୁରୁଆଜ୍ଞା ସେମାନଙ୍କର ସମସ୍ତ ଖର୍ଚ୍ଚ ତୁଲାଉଥିଲେ ଓ ଭଲ ମନ୍ଦ ଦେଖୁଥିଲେ । ତନ୍ମଧ୍ୟରୁ ଘନଶ୍ୟାମ ବେସନ ସମ୍ବଲପୁର ଜିଲ୍ଲାରେ ପ୍ରଥମ ହରିଜନ ଗ୍ରାଜୁଏଟ ହୋଇ ମାଜିଷ୍ଟ୍ରେଟ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି ଓ ଆଉ ଜଣେ ଶ୍ରୀ ମୋହନ ନାଗ୍ ଗ୍ରେଜୁଏଟ୍ ହୋଇ ଓଡିଶାର ଜଳସେଚନ ମନ୍ତ୍ରୀ ହୋଇଥିଲେ । ଏ ସବୁ ଗୁରୁ ଆଜ୍ଞାଙ୍କର କରୁଣା ଓ ପ୍ରୟାସ ବଳରେ ହୋଇଥିଲା ।

ଗୁରୁ ଆଜ୍ଞା ଜନ୍ମକାଳରୁ ଜୋତା,ଚପଲ ପିନ୍ଧୁ ନଥିଲେ । କଳ ଛତା ଧରୁ ନଥିଲେ ଓ କଳଜାତ ଚିନି ବ୍ୟବହାର ନକରି ଗୁଡ ବ୍ୟବହାର କରୁଥିଲେ । ଯାହା ଗୋଟିଏ ବିରଳ ବ୍ୟକ୍ତିତ୍ୱ କହିଲେ ଚଳେ । ଏଣୁ ଗୁରୁଆଜ୍ଞା ସମ୍ବଲପୁର ଜିଲ୍ଲାର ଗାନ୍ଧୀ ରୂପେ ପରିଗଣିତ ହୋଇଥିଲେ ।

ଗୁରୁ ଆଜ୍ଞା ଖରାମାସ ମଧ୍ୟାହ୍ନରେ ଖାଲି ପାଦରେ ଡାବର ଲଗା ସଡକରେ ଯାଉଥିଲେ ଓ କଷ୍ଟ କଣ ଜାଣିପାରୁନଥିଲେ । ସେ ହେଉଛନ୍ତି ଋଷିପ୍ରତିମ । ସେପରି ଲୋକ ଆଉ ଦେଖିବାକୁ ମିଳିବ ନାହିଁ ।

ତାଙ୍କର ଭାଇ ଦୁର୍ଗାପ୍ରସାଦ ଗୁରୁ ମତେ ଏତେ ଭଲପାଉଥିଲେ ଯେ,ସେ ପ୍ରତିଦିନ ମୋ ପାଖରେ ବସୁଥିଲେ ଓ ଗୁରୁଆଜ୍ଞାଙ୍କ ପରି ତାଙ୍କ ସଙ୍ଗେ ମୋର ଉତ୍ତମ ବାର୍ତ୍ତାଳାପ ହେଉଥିଲା । ଗୁରୁ ଆଜ୍ଞାଙ୍କର ପୁତ୍ର ଭବାନୀ ଶଙ୍କର ଗୁରୁ ମଧ୍ୟ ପ୍ରତିଦିନ ଆମ୍ଭ ଛାତ୍ରାବାସକୁ ଆସୁଥିଲେ ଓ ମୋ ସାଙ୍ଗରେ କଥାବାର୍ତ୍ତା କରି ଆନନ୍ଦ ଉପଭୋଗ କରୁଥିଲେ ।

ମୁଖ୍ୟତଃ ଗୁରୁ ସମାଜର ସରଳ,ନିରାଡମ୍ବର,ମିଷ୍ଟାଳାପୀ,ବିନୟୀ ଓ ଗାନ୍ଧିଜୀଙ୍କ ପ୍ରେରଣାରେ ଅନୁପ୍ରାଣିତ ଥିଲେ । ଗୁରୁ ପରିବାରର ସମସ୍ତେ ଖଦଡବସ୍ତ୍ର ପରିହିତ,ପରିହିତା ।

ଦିନ ଚାଲିଯିବ,ବର୍ଷ ବାଲିଯିବ,ଶତାବ୍ଦୀ ହୋଇ କେତେ ଯେ ଶତାବ୍ଦୀ ହେବ,କିନ୍ତୁ ଗୁରୁ ଆଜ୍ଞା ସବୁଦିନ ପାଇଁ ସ୍ମୃତି ପଟରେ ରହିଥିବେ ।

ଆଜି ତାଙ୍କର ଶତାବ୍ଦୀ ଜନ୍ମ ଦିବସରେ ତାଙ୍କର ଆଶୀର୍ବାଦ କାମନା କରୁଅଛି ।

ତାଙ୍କର ଅମରାତ୍ମା ସୁଖ ଓ ଶାନ୍ତିରେ ରହୁ ଏହି ମାତ୍ର ଭଗବାନଙ୍କ ଠାରେ ନିବେଦନ କରୁଅଛି ।

ଝାଡୁଆ ପଡା
ମିଶ୍ରଗଳି,ସମ୍ବଲପୁର